# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 25th September - 2025
*************************************

*Desk*

## ସ୍ୱଚ୍ଛତା ହିଁ ସେବା

ଦେଶକୁ ସ୍ୱଚ୍ଛ ରଖିବା ପାଇଁ ଆଜି 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ଏକ ଘଣ୍ଟା ଶ୍ରମଦାନ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ସ୍ୱଚ୍ଛତା ଅଭିଯାନକୁ ଏକ ପ୍ରେରଣାଦାୟୀ ପଦକ୍ଷେପ ରୂପେ ଉଲ୍ଲେଖ କରି ଏହା ଦେଶର ସମୂହ ଦାୟିତ୍ୱ ଏବଂ ଜାତୀୟ ଗର୍ବକୁ ସୂଚାଉଛି ବୋଲି କହିଛନ୍ତି। ଆଜି ସକାଳ ୮ଟାରୁ ସ୍ୱଚ୍ଛତା ଅଭିଯାନରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

*BBSR/R*

## ବିଧାନସଭା ମୁଲତବୀ

ବିଧାନସଭାର ମୌସୁମୀ ଅଧିବେଶନକୁ ଗତକାଲି ବାଚସ୍ପତି ସୁରମା ପାଢ଼ୀ ଅନିର୍ଦ୍ଦିଷ୍ଟ କାଳପାଇଁ ମୁଲତବୀ ଘୋଷଣା କରିଛନ୍ତି । ଗୃହକାର୍ଯ୍ୟ ଆଜି ଶେଷ ହେବାର ଥିଲା । ତେବେ ପାର୍ବଣକୁ ଦୃଷ୍ଟିରେ ରଖି ଦିନକ ପୂର୍ବରୁ

ଗୃହକାର୍ଯ୍ୟ ବନ୍ଦପାଇଁ ପ୍ରସ୍ତାବ ଦିଆଯାଇଥିଲା । ଅଧିବେଶନ ସମୟରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ ସ୍ୱାଭାବିକ ଭାବେ ଚାଲିପାରି ନ ଥିଲା । ଅଧିବେଶନ ସମୟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୫ ଏବଂ ଓଡ଼ିଶା ଦ୍ରବ୍ୟ ଓ ସେବାକର ସଂଶୋଧନ ବିଲ୍-୨୦୨୫ ପାରିତ ହୋଇଯାଇଛି ।

***Desk***

# ପ୍ରଧାନମନ୍ତ୍ରୀ - ଝାରସୁଗୁଡ଼ା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ ତାରିଖ ଶନିବାର ଦିନ ଝାରସୁଗୁଡ଼ା ଗସ୍ତ କରିବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଶନିବାର ଦିନ ପୂର୍ବାହ୍ଣ ପ୍ରାୟ ୧୧ଟା ୧୦ ମିନିଟ୍‌ରେ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିବା ପରେ ଅମଲୀପାଲ୍ଲି ସ୍ଥିତ ପଡ଼ିଆରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ । ସେଠାରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ଓ ଲୋକାର୍ପଣ କରିବେ । ଏହାପରେ ପ୍ରଧାନମନ୍ତ୍ରୀ ମଧ୍ୟାହ୍ନରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

***BBSR/R***

## ଦକ୍ଷତା ବିକାଶ - ବୁଝାମଣା

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସହ ୩ଟି ସଂସ୍ଥା ବୁଝାମଣା ସ୍ୱାକ୍ଷରିତ କରିଛନ୍ତି । ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଏହି ବୁଝାମଣା ରାଜ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ବିଶ୍ୱସ୍ତରୀୟ ସୁଯୋଗ ବିସ୍ତାର କରିବ । ପ୍ରମାଣ ଆଧାରିତ ଦକ୍ଷତା ବିକାଶ ନୀତିକୁ ସୁଦୃଢ଼ କରିବା ଏବଂ ଶିଳ୍ପ ଅନୁଷ୍ଠାନଗୁଡ଼ିକରେ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବାପାଇଁ ଏହା ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

***Desk***

## ସି.ବି.ଏସ୍.ଇ. ପରୀକ୍ଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ - ସି.ବି.ଏସ୍.ଇ. ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ସମ୍ଭାବ୍ୟ ତାରିଖ ଘୋଷଣା କରାଯାଇଛି । ଆସନ୍ତା ୨୦୨୬ ମସିହା ଫେବୃୟାରୀ ମାସ ୧୭ ତାରିଖରୁ ପରୀକ୍ଷା ଆରମ୍ଭ ହେବା ନେଇ ସି.ବି.ଏସ୍.ଇ. ପରୀକ୍ଷା ନିୟନ୍ତ୍ରକ ଡକ୍ଟର ସନ୍ୟାମ୍ ଭରଦ୍ୱାଜ ସୂଚନା ଦେଇଛନ୍ତି । ପରୀକ୍ଷା ସହ ଖାତା ମୂଲ୍ୟାୟନ ଏବଂ ଫଳାଫଳ ପ୍ରକ୍ରିୟା ଜୁଲାଇ ମାସ ୧୫ ତାରିଖ ମଧ୍ୟରେ ଶେଷ ହେବ ବୋଲି ସି.ବି.ଏସ୍.ଇ. ପକ୍ଷରୁ କୁହାଯାଇଛି ।

*Desk*

## ଦୀନ ଦୟାଲ୍ - ଜୟନ୍ତୀ

ଦେଶବ୍ୟାପୀ ଆଜି ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦୀନ ଦୟାଲ୍ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ପାଳନ କରାଯାଉଛି । ଏହି ଅବସରରେ ଭୁବନେଶ୍ୱର ଜୟଦେବ ଭବନରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*Malkangiri/R*

## ଜି.ଏସ୍.ଟି. ସଂସ୍କାର

କେନ୍ଦ୍ର ସରକାରଙ୍କ ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଏକ ଐତିହାସିକ ପଦକ୍ଷେପ ବୋଲି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ କହିଛନ୍ତି । ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ 'ଆତ୍ମନିର୍ଭର ଭାରତ ସଙ୍କଳ୍ପ ଅଭିଯାନ ଓ ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର' ସମ୍ପର୍କିତ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାରଦ୍ୱାରା ମୂଲ୍ୟ ହ୍ରାସ ଯୋଗୁଁ ଉତ୍ପାଦନ ବୃଦ୍ଧି ପାଇବ । ଗ୍ରାହକମାନଙ୍କୁ ସଂଶୋଧିତ ଦରରେ ସାମଗ୍ରୀ ବିକିବାକୁ ବ୍ୟବସାୟୀମାନଙ୍କୁ ସାଂସଦ ଶ୍ରୀ ମାଝୀ ଅନୁରୋଧ କରିଛନ୍ତି ।

***BBSR/R***

## ଏନ୍.ଏସ୍.ଏସ୍.

ଜାତୀୟ ସେବା ଯୋଜନା - ଏନ୍.ଏସ୍.ଏସ୍.ର ଏକ ସଶକ୍ତ ସମାଜ ଗଠନରେ ବଳିଷ୍ଠ ଭୂମିକା ରହିଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ କହିଛନ୍ତି । ଭୁବନେଶ୍ୱର ଜୟଦେବ ଭବନଠାରେ ଏନ୍.ଏସ୍.ଏସ୍.ର ୫୬ତମ ପ୍ରତିଷ୍ଠା ଦିବସ ଅବସରରେ ଯୋଗଦେଇ ଶ୍ରୀ ସୂରଯ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ କାର୍ଯ୍ୟ କରିବାକୁ ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀମାନଙ୍କୁ ଆହ୍ୱାନ ଦେଇଥିଲେ ।

***BBSR/R***

## ଗଜଲକ୍ଷ୍ମୀ - ସହାୟତା ରାଶି

ଢେଙ୍କାନାଳରେ ମା' ଗଜଲକ୍ଷ୍ମୀଙ୍କ ୩୮ଟି ମେଢ଼କୁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ପ୍ରତ୍ୟେକ ମେଢ଼କୁ ୫୦ ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ମୋଟ୍ ୧୯ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ଜଣାପଡ଼ିଛି ।

***Desk***

# ସାମୁଦ୍ରିକ ଦିବସ

ବିଶ୍ୱ ବାଣିଜ୍ୟ, ଜଳବାୟୁ ଓ ଜୈବ ବିବିଧତାରେ ସମୁଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ସାମୁଦ୍ରିକ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ସେପ୍ଟେମ୍ବର ମାସ ଶେଷ ଗୁରୁବାର ଦିନ ଏହି ଦିବସ ପାଳନ କରାଯାଇଥାଏ । ଚଳିତବର୍ଷ ସାମୁଦ୍ରିକ ଦିବସର ବିଷୟବସ୍ତୁ ରହିଛି "ଆମ ମହାସାଗର, ଆମ ଦାୟିତ୍ୱ, ଆମ ସୁଯୋଗ" ।

***Met.O., Nabarangpur/R***

# ପାଣିପାଗ

କେନ୍ଦ୍ରୀୟ ମିଆଁମାର ଏବଂ ସଂଲଗ୍ନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଆଜିସୁଦ୍ଧା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଲଘୁଚାପର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ମହାନଦୀର ଉପରମୁଣ୍ଡରେ ବର୍ଷାର ପରିମାଣ ବୃଦ୍ଧି ପାଇବା ଯୋଗୁଁ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରେ ୧୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି ।

ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଶନିବାର ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟିକୁ ବାତିଲ୍ କରାଯାଇଛି ।

*****